# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15th May - 2025

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ସମାଜର ମୁଖ୍ୟ ସ୍ରୋତରେ ମାଓବାଦୀମାନଙ୍କୁ ସାମିଲ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ
- ୱକଫ୍ ସଂଶୋଧନ ଆଇନ୍-୨୦୨୫ ସଂକ୍ରାନ୍ତ ମାମଲାର ଆସନ୍ତା ୨୦ ତାରିଖରେ ସୁପ୍ରମ୍‌କୋର୍ଟରେ ହବ ପରବର୍ତ୍ତୀ ଶୁଣାଣି
- ଜନ ପ୍ରତିନିଧିଙ୍କ ସହ ଉତ୍ତମ ସମ୍ପର୍କ ରଖି ନିରପେକ୍ଷ ଭାବେ ଦାୟିତ୍ୱ ସମ୍ପାଦନ ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଏବଂ

- ବ୍ୟକ୍ତିତ୍ୱ ବିକାଶରେ ପରିବାରର ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ଉଜ୍ଜୀବିତ ରଖିବା ପାଇଁ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ପରିବାର ଦିବସ

## ମାଓ-ମୁଖ୍ୟ ସ୍ରୋତରେ ସାମିଲ

ମାଓ ପ୍ରଭାବିତ ଅଂଚଳଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା ଏବଂ ମାଓବାଦୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ପ୍ରଧାନମନ୍ତ୍ରୀ କହିଛନ୍ତି, ମାଓବାଦୀ ମୂଳୋତ୍ପାଟନ ନେଇ ସରକାରଙ୍କ ପଦକ୍ଷେପ ସଠିକ୍ ଦିଗରେ କାର୍ଯ୍ୟ କରୁଛି। ଏହି କ୍ଷେତ୍ରରେ ସୁରକ୍ଷା କର୍ମଚାରୀଙ୍କର ସାହସ, ସମର୍ପଣ ଏବଂ ପ୍ରତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଗତକାଲି ଛତିଶଗଡ଼ ତେଲେଙ୍ଗାନା ସୀମାନ୍ତ କୁରାଗୁତାଲୁ ପାହାଡିଆ ଅଂଚଳରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟରେ ୩୧ ଜଣ ମାଓବାଦୀ ନିହତ ହୋଇଥିଲେ।

## ୱକଫ ସଂଶୋଧନ ଆଇନ୍

ୱକଫ୍ ସଂଶୋଧନ ଆଇନ୍-୨୦୨୫ ସଂକ୍ରାନ୍ତ ମାମଲାର ପରବର୍ତ୍ତୀ ଶୁଣାଣି ସୁପ୍ରିମ୍ କୋର୍ଟ ଆସନ୍ତା ୨୦ ତାରିଖକୁ ଧାର୍ଯ୍ୟ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟସ୍ ବି.ଆର. ଗଭାଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମାସିହାଙ୍କ ଖଣ୍ଡପୀଠ ଆଜି ଏହି ମାମଲାର ଶୁଣାଣି କରି ଉଭୟ ପକ୍ଷଙ୍କୁ ଆସନ୍ତା ୧୯ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦ ତାରିଖ ଦିନ ଏହି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ସଂକ୍ରାନ୍ତ ଆବେଦନକୁ ଶୁଣାଣି କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ତେବେ ୧୯୯୫ ୱକଫ୍ ଆଇନ୍ ଉପରେ କୌଣସି ପ୍ରକାର ମଧ୍ୟବର୍ତ୍ତୀକାଳୀନ ଆଦେଶ ପାଇଁ ଆବେଦନ ଉପରେ ଶୁଣାଣି କରାଯିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୀବ୍ ଖାନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ ଏହି ମାମଲାର ପ୍ରାଥମିକ ଶୁଣାଣି ହୋଇଥିଲା । ଜଷ୍ଟିସ୍ ଖାନ୍ନା ଅବସର ଗ୍ରହଣ ପୂର୍ବରୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜଷ୍ଟିସ୍ ଗଭାଇଙ୍କ ଖଣ୍ଡପୀଠକୁ ମାମଲାଟିକୁ ସ୍ଥାନାନ୍ତର କରିଥିଲେ । ଏହି ମାମଲାରେ ଗତମାସ ୨୫ ତାରିଖରେ ସଂଖ୍ୟାଲଘୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରାଥମିକ ସତ୍ୟପାଠ ଦାଖଲ କରାଯାଇସାରିଛି ।

## ରାଜ୍ୟପାଳ - କଟକ ଗସ୍ତ

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଜି ପୂର୍ବାହ୍ଣରେ କଟକ ନେତାଜୀ ସ୍ମାରକୀ ପ୍ରବେଶପଥଠାରେ ପରାକ୍ରମ ଶୋଭାଯାତ୍ରା ଓ ତ୍ରିରଙ୍ଗା ର୍‍ୟାଲିର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ।

ରାଜ୍ୟପାଳ ମୁଦ୍ରା ଯୋଜନାର ହିତାଧିକାରୀମାନଙ୍କ ସହିତ ଆଲୋଚନା କରିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉଭୟ ସହରାଞ୍ଚଳ ଓ ଗ୍ରାମୀଣ ଅଧୀନରେ ଉପକୃତ ହୋଇଥିବା ହିତାଧିକାରୀଙ୍କୁ ସାକ୍ଷାତ୍ କରିଛନ୍ତି ।

## ଅପରେସନ୍ ସିନ୍ଦୂର

ଅପରେସନ୍ ସିନ୍ଦୂରର ସଫଳତା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ପରାକ୍ରମ ଶୋଭାଯାତ୍ରାର ଆୟୋଜନ କରାଯାଇଛି ।

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ବାଇକ୍ ଶୋଭାଯାତ୍ରା ନେତାଜୀ ଜନ୍ମସ୍ଥାନ ପ୍ରବେଶ ପଥରୁ ବାହାରି ଐତିହାସିକ ସ୍ୱରାଜ ଆଶ୍ରମଠାରେ ଶେଷ ହୋଇଥିଲା। ତ୍ରିରଙ୍ଗା ଶୋଭାଯାତ୍ରାରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିଂଦେ, ମେୟର ସୁବାଷ ସିଂ, ପୁଲିସ୍ ଓ ଅଗ୍ନିଶମ ବିଭାଗ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ସାଧାରଣ ଜନତା ଯୋଗଦେଇ ସହର ପରିକ୍ରମା କରିଥିଲେ। **ଗଞ୍ଜାମ** ଜିଲ୍ଲାର ଛତ୍ରପୁର, ବ୍ରହ୍ମପୁର ଏବଂ ଭଞ୍ଜନଗର ଉପଖଣ୍ଡ ସଦର ମହକୁମାରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ତ୍ରିରଙ୍ଗା ଶୋଭାଯାତ୍ରାକୁ ଶୁଭାରମ୍ଭ କରିବା ପରେ ଛାତ୍ରଛାତ୍ରୀ, ଯୁବକ, ପୂର୍ବତନ ସାମରିକ କର୍ମଚାରୀ, ବହୁ ବରିଷ୍ଠ ନାଗରିକ ସହର ପରିକ୍ରମା କରିଥିଲେ। **ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏହି ଶୋଭାଯାତ୍ରାକୁ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଶୁଭାରମ୍ଭ କରିଛନ୍ତି। ଦେଶର ସୁରକ୍ଷା ପାଇଁ ସେନାବାହିନୀଙ୍କ ସାହସ ଓ ବଳିଷ୍ଠ ଭୂମିକାକୁ ବିଭିନ୍ନ ବର୍ଗରୁ ପ୍ରଶଂସା କରାଯାଇଛି।

**ନୟାଗଡ଼** ଜିଲ୍ଲା ରଣପୁର ବ୍ଲକ୍ ରାଜସୁନାଖଳା ବଜାରରୁ ଦକ୍ଷିଣକାଳୀ ମନ୍ଦିର ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରାକୁ ବିଧାୟିକା ସୁରମା ପାଢ଼ୀ ଶୁଭାରମ୍ଭ କରିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭାରତୀୟ ସେନା ପକ୍ଷରୁ ନିଆଯାଇଥିବା ପଦକ୍ଷେପର ସେ ଉଚ୍ଚ ପ୍ରଶଂସା କରିଛନ୍ତି। **କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାରେ ଏହି ଶୋଭାଯାତ୍ରାକୁ ସାଂସଦ ମାଳବିକା ଦେବୀ, ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ସିଆରପିଏଫ୍ କମାଣ୍ଡେଣ୍ଟ ପଙ୍କଜ

ଚୌଧୁରୀ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଛନ୍ତି । ଏହି ଅବସରରେ ଏକ ସ୍ୱାକ୍ଷର ଅଭିଯାନର ଆୟୋଜନ କରାଯାଇଥିଲା । **ଝାରସୁଗୁଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଅପରେସନ ସିନ୍ଦୂରର ସଫଳତା ପରେ ବୀର ଯବାନଙ୍କ ମନୋବଳ ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଏହି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ । **ଯାଜପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାକୁ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା ।

**ନୂଆପଡା** ଜିଲ୍ଲାର ୫ଟି ବ୍ଲକ୍ ଓ ୩ଟି ବିଜ୍ଞପିତ ଅଂଚଳ ପରିଷଦରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି । **ରାୟଗଡ଼ା** ଜିଲ୍ଲାରେ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲ୍ଲାପାଳ ପାରୁଲ ପଟୱାରୀ ଶୁଭାରମ୍ଭ କରିଛନ୍ତି । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ଗାନ୍ଧିପାର୍କଠାରେ ଶେଷ ହୋଇଥିଲା । ଏଥିରେ ବହୁ ପ୍ରଶାସନିକ ଅଧିକାରୀ, ସିଆରପିଏଫ୍ ଯବାନ, ଏନ୍‌ସିସି ଓ ସାଧାରଣ ବର୍ଗର ଲୋକେ ସାମିଲ ହୋଇଥିଲେ । **ସମ୍ବଲପୁର** ଜିଲ୍ଲା କଚେରୀ ଛକରୁ ତ୍ରିରଙ୍ଗା ଶୋଭାଯାତ୍ରା ଆରମ୍ଭ ହୋଇ

ସମଲେଶ୍ୱରୀ ମନ୍ଦିର ପାଖରେ ଶେଷ ହୋଇଥିଲା । କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆରଡିସି ସଚିନ୍ ରାମଚନ୍ଦ୍ର ଯାଦବ, ଆଇଜି ହିମାଂଶୁ ଲାଲ ପ୍ରମୁଖ ଯୋଗଦେଇଥିଲେ । **ବରଗଡ଼** ଜିଲ୍ଲାର ଲେଙ୍ଗୁମିଶ୍ର ମିନି ଷ୍ଟାଡିୟମ୍‌ରୁ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ଆଦିତ୍ୟ ଗୋଏଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । **ସୁବର୍ଣ୍ଣପୁ**ର ଜିଲ୍ଲାରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁଲିସ୍ ବାହିନୀ, ଏନ୍‌ସିସି କ୍ୟାଡେଟ. ପ୍ରଶାସନିକ ଅଧିକାରୀ ଓ ସାଧାରଣ ଜନତା ଯୋଗଦେଇ ଭାରତ ମାତା କୀ ଜୟ ସ୍ଲୋଗାନ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀ

ଜନ ପ୍ରତିନିଧିଙ୍କ ସହ ଉତ୍ତମ ସମ୍ପର୍କ ରଖି ନିରପେକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିବା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୁଇ ଦିବସୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକାଭିମୁଖୀ କରିବାରେ ପ୍ରଶାସନିକ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଚାପର ବଶବର୍ତ୍ତୀ ନ ହୋଇ ଉତ୍ତମ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

**-V/O-***(CM)*

## ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ସୋମବାର ୧୯ ତାରିଖ ଦିନ ଭୁବନେଶ୍ୱର ୟୁନିଟ୍-୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟୁନ ହଜାରେ ଜଣ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିପାରିବେ। ଆସନ୍ତାକାଲି ଦିନ ୧୧ଟା ଠାରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ଅଭିଯୋଗ ଶୁଣାଣି ପୋର୍ଟାଲ ଜନଶୁଣାଣି ଡଟ୍ ଓଡ଼ିଶା ଡଟ୍ ଜିଓଭି ଡଟ୍ ଆଇଏନ୍ କିମ୍ବା ଜନଶୁଣାଣି ମୋବାଇଲ୍ ଆପ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ଅଭିଯୋଗ ଦେବା ପାଇଁ ପଂଜୀକରଣ କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ପରିବାର ଦିବସ

ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ପରିବାରର ସହଯୋଗ ସ୍ୱତନ୍ତ୍ର ଏବଂ ମହତ୍ତ୍ୱପୂର୍ଣ୍ଣ ଭୂମିକାକୁ ଉଜ୍ଜୀବିତ ରଖିବା ନେଇ ଆଜି ସମଗ୍ର ବିଶ୍ୱରେ ପାଳନ କରାଯାଉଛି ଅନ୍ତର୍ଜାତୀୟ ପରିବାର ଦିବସ। ସମାଜରେ ବାସ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ପରିବାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପରିବାର ଜନ୍ମିତ ଶିଶୁଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମ୍ପର୍କର ନିବିଡତାକୁ ପ୍ରତିପାଦନ କରିଥାଏ। ଓଡ଼ିଆରେ ଏକ କଥା ରହିଛି; ‘ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହଁ ଯହିଁ ଥାଏ ନିରନ୍ତର’। ଯେଉଁ ପରିବାରର ସଦସ୍ୟ ପରସ୍ପରକୁ ଭଲପାଆନ୍ତି, ସ୍ନେହ କରନ୍ତି ସେହି ପରିବାର ବୈକୁଣ୍ଠ ସମାନ ହୋଇଥାଏ। ଆର୍ଥିକ ସଙ୍କଟ, ପରିବାରରେ ଅଣଦେଖା, ମାନସିକ ଚାପ, ଗୋପନୀୟତାରେ ହସ୍ତକ୍ଷେପ ଏବଂ ଅଧିକାରକୁ ନେଇ ବିବାଦ ଆଦି

୫ଟି ବିଷୟ ଯଦି ଦୂର କରିପାରିବା ତେବେ ପରିବାରରେ  ସମ୍ପର୍କ ମଜବୁତ ହୋଇ ରହିପାରିବ ।

## ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ଯୁବ କ୍ରୀଡା ପ୍ରତିଯୋଗିତା ଆଜି ଉଦ୍‌ଯାପିତ ହେଉଛି । ବିହାରର ପାଟଣାସ୍ଥିତ କଙ୍କରବାଗ୍‌ର ପାଟଳୀପୁତ୍ର ସ୍ପୋର୍ଟସ୍ କମ୍ପେକ୍ସଠାରେ ସନ୍ଧ୍ୟା ସାଢ଼େ ୬ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ । ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଆଜି ଶେଷ ଦିବସରେ ବାସ୍କେଟବଲ୍, କୁସ୍ତି ଏବଂ ଫେନ୍‌ସିଂ ପ୍ରତିଯୋଗିତାର ଫାଇନାଲ ପର୍ଯ୍ୟାୟ ମ୍ୟାଚ୍ ଅନୁଷ୍ଠିତ ହେଉଛି । ଉଦ୍‌ଯାପନୀ ସମାରୋହରେ କେନ୍ଦ୍ର, ଯୁବବ୍ୟାପାର ଓ କ୍ରୀଡା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲ୍ ଖଡସେ ଏବଂ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମହାରାଷ୍ଟ୍ର ଏପର୍ଯ୍ୟନ୍ତ ୧୪୯ଟି ପଦକ ହାସଲ କରି ପ୍ରତିଯୋଗିତାର ଶୀର୍ଷ ସ୍ଥାନରେ ଥିବାବେଳେ ୧୦୭ଟି ପଦକ ସହ ହରିୟାଣା ଦ୍ୱିତୀୟ ଏବଂ ୫୫ଟି ପଦକ ସହ ରାଜସ୍ଥାନ ତାଲିକାର ତୃତୀୟ ସ୍ଥାନରେ ରହିଛି ।

## ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ରବିବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସହ ଝଡ଼ତୋଫାନ, ବର୍ଷାର ସମ୍ଭାବନା ରହିଛି । ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ

ଗଜପତି ଜିଲ୍ଲାରେ ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ କାଳବୈଶାଖୀର ପ୍ରଭାବରେ ଝଡ଼ତୋଫାନ ସହିତ ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ଅଛି । ବଜ୍ରପାତ ଯୋଗୁଁ ଗତକାଲି ରାୟଗଡ଼ା, କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ୬ ଜଣଙ୍କର ମୃତ୍ୟୁ ହୋଇଛି ।